ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଭାଗ, ଏ.ଏମ.ଏଫ.ୟୁ. – ସେମିଳିଗୁଡା
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ବୈଷୟିକ ଜ୍ଞାନକୌଶଳ ପ୍ରସାରଣ କେନ୍ଦ୍ର
ସେମିଳିଗୁଡା, ପି. ବି.-୧୦, ସୁନାବେଡା, କୋରାପୁଟ, ଓଡ଼ିଶା- ୭୬୩୦୦୨

ସପ୍ତାହ କ୍ର.ସଂ.-୧୬ | **ପାଣିପାଗ ଜନିତ କୃଷି ଉପଦେଶ** | ତାରିଖ – ୧୬.୦୪.୨୦୨୪

ଜିଲ୍ଲା- ନବରଙ୍ଗପୁର (ଇଷ୍ଟର୍ନ ଘାଟ ହାଇ ଲ୍ୟାଣ୍ଡ ଜୋନ)

ଆସନ୍ତା ପାଞ୍ଚ ଦିନର (୧୭.୦୪.୨୦୨୪ ଠାରୁ ୨୧.୦୪.୨୦୨୪) ପାଣିପାଗର ପୂର୍ବାନୁମାନ

(ଏମ.ସି., ଆଇ.ଏମ.ଡି., ଭୁବନେଶ୍ୱର ଅନୁଯାୟୀ)

ଆସନ୍ତା ପାଞ୍ଚ ଦିନ ମଧ୍ୟରେ ପରିଷ୍କାର ରୁ ମୁଖ୍ୟତଃ ମେଘୁଆ ପାଗ ରହିବ । ଆଗାମୀ ପାଞ୍ଚ ଦିନ ମଧ୍ୟରେ କେବଳ ୨୧ ଏପ୍ରିଲ ସ୍ୱଳ୍ପ ମାତ୍ରାରେ ବର୍ଷା ହେବାର ସମ୍ଭାବନା ଅଛି । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ସର୍ବାଧିକ ତାପମାତ୍ରା ୪୦ ରୁ ୪୨ ଡିଗ୍ରୀ ସେ. ଏବଂ ସର୍ବନିମ୍ନ ତାପମାତ୍ରା ୨୫ ରୁ ୨୬ ଡିଗ୍ରୀ ସେ. ରହିବାର ସମ୍ଭାବନା ଅଛି। ସର୍ବାଧିକ ଏବଂ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ଶତକଡ଼ା ୪୧ ରୁ ୫୪ ଏବଂ ୧୨ ରୁ ୨୦ ଭାଗ ରହିବାର ସମ୍ଭାବନା ଅଛି।

| ତାରିଖ | ବୃଷ୍ଟିପାତ (ମି.ମି.) | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ମେଘାଛନ୍ନ | ସର୍ବାଧିକ ଆର୍ଦ୍ରତା (%) | ସର୍ବନିମ୍ନ ଆର୍ଦ୍ରତା (%) | ପବନର ବେଗ (କି.ମି./ଘଣ୍ଟା) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|
| ୧୭.୦୪.୨୦୨୪ | ୦ | ୪୦ | ୨୫ | ୧ | ୪୧ | ୨୦ | ୧୦ | ୩୩୩ |
| ୧୮.୦୪.୨୦୨୪ | ୦ | ୪୧ | ୨୬ | ୧ | ୪୩ | ୧୯ | ୮ | ୨୫୦ |
| ୧୯.୦୪.୨୦୨୪ | ୦ | ୪୧ | ୨୬ | ୦ | ୪୮ | ୧୨ | ୯ | ୨୦୨ |
| ୨୦.୦୪.୨୦୨୪ | ୦ | ୪୨ | ୨୬ | ୦ | ୪୪ | ୧୬ | ୯ | ୨୪୮ |
| ୨୧.୦୪.୨୦୨୪ | ୪ | ୪୦ | ୨୫ | ୫ | ୫୪ | ୨୦ | ୧୫ | ୨୩୮ |

## ପାଣିପାଗ ଭିତ୍ତିକ କୃଷି ଉପଦେଶ

**ସାଧାରଣ:**

- ଶୁଖିଲା ଏବଂ ପରିଷ୍କାର ପାଗ ଦେଖିକି ଫସଲ ସୁରକ୍ଷା ପାଇଁ ଔଷଧ ସିଞ୍ଚନ କରନ୍ତୁ, ବର୍ଷା ଦିନରେ ସିଞ୍ଚନ କରନ୍ତୁ ନାହିଁ ।
- ସାମ୍ପ୍ରତିକ ବର୍ଷାକୁ ବ୍ୟବହାର କରି ଖରାଟିଆ ଚାଷ କରନ୍ତୁ । ଏହା କରିବା ଦ୍ୱାରା ଜମିରୁ ବିଭିନ୍ନ ପ୍ରକାରର ମାଟି ଭିତରେ ରହିଥିବା କ୍ଷତିକାରକ ପୋକ ଓ ପୋକର ଅଣ୍ଡା ଏବଂ ଘାସ ମଞ୍ଜି ନଷ୍ଟ ହୋଇଯାଆନ୍ତି ।
- ଖରିଫ ଫସଲର ଅବଶେଷ ଜଳାନ୍ତୁ ନାହିଁ । ଏହା ପରିବେଶ ପ୍ରଦୁଷଣ କରିବା ସହିତ ଶରୀରକୁ ମଧ୍ୟ ବହୁତ କ୍ଷତି ପହଞ୍ଚାଇ ଥାଏ ।

**ଧାନ:**

- ଡାଲୁଅ ଧାନର ଗର୍ଭା ଅବସ୍ଥାରେ ଏକରକୁ ସଅଳ କିସମରେ ୧୩ କିଲୋ ୟୁରିଆ ଓ ମଧ୍ୟମ ଅବଧି କିସମରେ ୧୮ କିଲୋ ୟୁରିଆ ସାର ପ୍ରୟୋଗ କରନ୍ତୁ ।

- ଜମିରେ ମହିଷା ରୋଗ ଦେଖାଦେଲେ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୦.୪ ଗ୍ରାମ୍ ଟେବୁକୋନାଜୋଲ୍ ୫୦% + ଟ୍ରାଇଫ୍ଲକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲୁ.ଜି. ମିଶାଇ ସିଞ୍ଚନ କରନ୍ତୁ ।
- ତାପମାତ୍ରା ବୃଦ୍ଧି ହେତୁ କାଣ୍ଡବିନ୍ଧା ପୋକ ଲାଗିବାର ସମ୍ଭାବନାଥାଏ । ନିରୀକ୍ଷଣ ପାଇଁ ଏକର ପିଛା ୩ ଟା ଫେରୋମନ ଯନ୍ତା ରଖନ୍ତୁ, ଯେତେବେଳେ ପୁରୁଷ ପ୍ରଜାତିର ସଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ଟି ହୋଇଯିବ ତେବେ ପ୍ରତି ଲିଟର ପାଣିରେ ୦.୩ ମି.ଲି. କ୍ଲୋରନଟ୍ରାନିଲିପ୍ରୋଲ ୧୮.୫ % ଏସ୍.ସି. କିମ୍ବା ୨ ମି.ଲି. ଫିପ୍ରୋନିଲ୍ ୫%ଏସ୍.ସି. ମିଶାଇ ସିଞ୍ଚନ କରନ୍ତୁ ।
- ଧାନ ଜମିରେ କବକ ଜନିତ ପତ୍ରପୋଡା ରୋଗ ଦେଖାଦେଲେ ନିୟନ୍ତ୍ରଣ କରିବାପାଇଁ ପ୍ରତି ଲିଟର ପାଣିରେ ୧ ଗ୍ରାମ ପ୍ଲାଣ୍ଟୋମାଇସିନ ଏବଂ ୩ ଗ୍ରାମ କପର ଅକ୍ସିକ୍ଲୋରାଇଡ୍ ୫୦ % ଡବ୍ଲୁ.ପି. ମିଶାଇ ସିଞ୍ଚନ କରନ୍ତୁ ।

ତୈଳବୀଜ ଜାତୀୟ ଫସଲ:

- ତାପମାତ୍ରା ବୃଦ୍ଧି ହେତୁ ଚିନାବାଦାମ ଫସଲରେ ନାଲି ସଁବାଳୁଆ ପୋକ ଏବଂ ଧୂଆଁ ପତ୍ର ଗୋଟିପୋକ ଦେଖାଦେବାର ସମ୍ଭାବନା ଅଛି, ଏଗୁଡିକ ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ ୫୦% ଇ.ସି. କିମ୍ବା ୦.୨ ମି.ଲି. ଫ୍ଲୁବେନଡିଆମାଇଡ୍ ୪୮୦ ଏସ୍.ସି. ମିଶାଇ ସିଞ୍ଚନ କରନ୍ତୁ ।

ପିଆଜ:

- ପିଆଜ ଚାରା ୮ ସପ୍ତାହ ହୋଇଗଲେ ମୁଖ୍ୟ ଜମିରେ ଲଗାନ୍ତୁ, ଏକରକୁ ୨ ଟନ ଗୋବର ଖତ, ୨୭ କିଲୋ ୟୁରିଆ, ୪୩ କିଲୋ ଡ.ଏ.ପି., ୩୩ କିଲୋ ଏମ.ଓ.ପି. ଓ ୨୦ କିଲୋ ସଲଫର ପ୍ରୟୋଗ କରନ୍ତୁ ।

ପନିପରିବା ଫସଲ:

- ଟମାଟୋ ଫସଲରେ ଧଳା ମାଛି ଦେଖାଗଲେ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. କିମ୍ବା ୦.୪ ଗ୍ରାମ୍ ଥାଅମିଥୋକ୍ସାମ ୨୫% ଡବ୍ଲୁ.ଜି. ମିଶାଇ ସିଞ୍ଚନ କରନ୍ତୁ ।
- ଟମାଟୋ ଫସଲରେ ଝାଉଁଳା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୧.୫ ଗ୍ରାମ୍ ପ୍ଲ୍ୟାଣ୍ଟୋମାଇସିନ୍ ଏବଂ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।
- ବାଇଗଣ ଫସଲରେ କାଣ୍ଡ ଓ ଫଳ ବିନ୍ଧା ପୋକ ଦମନ କରିବା ପାଇଁ ଏକର ପିଛା ୭୦ ମି.ଲି. ସ୍ପିନୋସାଡ୍ ୪୫% ଏସ୍.ସି. ଏବଂ ଥାଅଡିକାର୍ବ ୭୫% ବିକଳ୍ପ ଭାବରେ ୧୫ ଦିନ ଅନ୍ତରାଳ ସିଞ୍ଚନ କରନ୍ତୁ ।

ବିଶେଷ ଦ୍ରଷ୍ଟବ୍ୟ:ଆବଶ୍ୟକ ସହାୟତା ଏବଂ ସୂଚନା ପାଇଁ ନିକଟବର୍ତୀ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଓ ରାଜ୍ୟର କୃଷି ଅଧିକାରୀ/ଉଦ୍ୟାନକୃଷି ଅଧିକାରୀ ସହିତ ସମ୍ପର୍କ କରନ୍ତୁ।

ଡଃ.ପର୍ଶୁରାମ ଶିଅଳ
(ନୋଡାଲ୍ ଅଫିସର, ଜି.କେ.ଏମ୍.ଏସ୍.,ସେମିଳିଗୁଡା)